Roll No. | | | | | | | |

Series SHC

Code No. 13

- Please check that this question paper contains 4 printed pages.
- Code number given on the right hand side of the question paper should be written on the title page of the answer-book by the candidate.
- Please check that this question paper contains 10 questions.
- Please write down the serial number of the question before attempting it.

ORIYA

ଓଡ଼ିଆ

Time allowed : 3 hours *Maximum Marks : 100*

ସମୟ : 3 ଘଂଣ୍ଟା *ପୂର୍ଣ୍ଣ ସଂଖ୍ୟା : 100*

1. ନିମ୍ନ ଅନୁଚ୍ଛେଦଟିରୁ ତଥ୍ୟନେଇ ଦିଆଯାଇଥିବା ପ୍ରଶ୍ନ ଗୁଡ଼ିକର ଉତ୍ତର ଦିଅ । 5×2

ସାହିତ୍ୟ ଦର୍ପଣସ୍ୱରୂପ ସେଥିରେ ଆମେମାନେ ସମାଜର ଓ ସମସାମୟିକ ଘଟଣାବଳୀର ପ୍ରତିବିମ୍ବ ଅବଲୋକନ କରୁଁ । କୌଣସି ଭାଷାର ଧାରାବାହିକ ସାହିତ୍ୟ ଲିପିବଦ୍ଧ ଓ ପ୍ରକାଶିତହେଲେ ସେଥିରୁ ତୀକ୍ଷ୍ଣଧୀ ପାଠକ ଅନେକ ବିଷୟ ଅବଗତ ହୋଇ ପାରିବେ । ଭାଷାର ଇତହାସ ବ୍ୟାକରଣ ଓ କୋଶର ପ୍ରଣୟନରେ ଏହା ପ୍ରଧାନ ସହାୟ । ସମାଜର ରୀତ, ନୀତ, ବୈଷୟିକ, ମାନସିକ ଆଧ୍ୟାତ୍ମିକ ନାନା ବିଷୟରେ ପ୍ରଧାନ ପ୍ରଧାନ ଅନୁଷ୍ଠାନ ଓ ଯୁଗୋଚିତ ସଂସ୍କାର ବା ପରିବର୍ତ୍ତନ ସାହିତ୍ୟରେ ନ୍ୟୂନାଧିକ ପରିମାଣରେ ପ୍ରତିବିମ୍ବିତ ହୁଏ । ଜାତୀୟ ସାହିତ୍ୟ ଗୋଟିଏ ମହାଭଣ୍ଡାର ଏବଂ ଏହି ମହାଭଣ୍ଡାରତେର ଅନେକ ରତ୍ନ ସହିତ ଅନେକ ଚିତ୍ର ସଂରକ୍ଷିତ ହୋଇ ଥାଏ । ବ୍ୟାସ ପ୍ରଣୀତ ମହାଭାରତ ଖଣ୍ଡିତ ମହାକାବ୍ୟ ମାତ୍ର, ଗୋଟିଏ ଜାତିର ସମଗ୍ର ସାହିତ୍ୟ ନୁହେଁ । ଏହି ମହାକାବ୍ୟ ଖଣ୍ଡିକରୁହିଁ ତତ୍କାଲୀନ ସମାଜର ଅବସ୍ଥା, ରୀତିନୀତି, ଶସ୍ତ୍ରବିଦ୍ୟା ଓ ଶାସ୍ତ୍ରରେ ପାରଦର୍ଶିତା, ଆଧାତ୍ମିକ ଚର୍ଚ୍ଚା, ମନୁଷ୍ୟ ମାନଙ୍କର ରୁଚି ପ୍ରଭୃତି ନାନାବିଷୟ ଆମେମାନେ ଅବଗତ ହୋଉଁ । ଏହି ମହାସମୁଦ୍ରରୁ

ଢ଼ଳୁଏ, ଢ଼ଳୁଏ ଗ୍ରହଣ କରି ପୂର୍ବକାଳର ଓ ଏକାଳର ଅନେକ ସୁଲେଖକ ମହାକବି ଆଖ୍ୟା ପ୍ରାପ୍ତ ହୋଇ ଅଛନ୍ତି ।

(କ) ସାହିତ୍ୟକୁ କାହିଁକି ଦର୍ପଣ କୁହାଯାଇଛି ?

(ଖ) କୌଣସି ଭାଷାର ଧାରାବାହିକ ସାହିତ୍ୟ ଲିପିବଦ୍ଧ ଓ ପ୍ରକାଶିତ ହେବା କାହିଁକି ଆବଶ୍ୟକ ?

(ଗ) ସାହିତ୍ୟରେ ନ୍ୟୂନାଧିକ ପରିମାଣରେ କଣ ସବୁ ପ୍ରତିବିମ୍ବିତ ହୋଇଥାଏ ?

(ଘ) ଜାତୀୟ ସାହିତ୍ୟରୂପକ ମହାଭଣ୍ଡାରରେ କଣସବୁ ସଂଚିତ ଥାଏ ?

(ଙ) ବ୍ୟାସଙ୍କ ପ୍ରଣୀତ ମହାଭାରତ ସଂପର୍କରେ କେଉଁ ମନ୍ତବ୍ୟଦିଆଯାଇଛି ?

2. (କ) ନିମ୍ନଲିଖିତ ଯେକୌଣସି ***ଗୋଟିଏ*** ବିଷୟରେ ରଚନାଲେଖ । (୨୫୦ ରୁ ୩୦୦ ଶବ୍ଦ ମଧ୍ୟରେ) 10

(i) ଉତ୍କଳର ପର୍ବପର୍ବାଣୀ

(ii) ବିଜ୍ଞାନର ଉପଯୋଗିତା

(iii) ପରିବେଶ ପ୍ରଦୂଷଣ

(ଖ) ବନ୍ୟା ପ୍ରପୀଡିତ ଲୋକଙ୍କର ସହାୟତାନିମନ୍ତେ ଜନସାଧାରଣଙ୍କୁ ଆର୍ଥିକ ସାହାଯ୍ୟ ସକାଶେ ନିବେଦନ କରି ଏକ ସମ୍ବାଦ ପତ୍ରର ସଂପାଦକଙ୍କ ନିକଟକୁ ପତ୍ର ଲେଖ । 8

ଅଥବା

ତୁମ ଅଂଚଳର ଉତ୍କଟ ପାନୀୟ ଜଳର ସମସ୍ୟା ସଂପର୍କରେ ଉପରିସ୍ଥ କର୍ମଚାରୀମାନଙ୍କୁ ଅବଗତ କରାଇବା ଲାଗି ସମ୍ବାଦପତ୍ରର ସଂବାଦକଙ୍କୁ ପତ୍ର ଲେଖ ।

(ଗ) ତୁମର ପ୍ରିୟ ଶିକ୍ଷକ କିମ୍ବା ତୁମ ଜୀବନର ଆଦର୍ଶସଂପର୍କରେ ଦଶଗୋଟି ବାକ୍ୟ ବର୍ଣ୍ଣନା କର । 7

3. (କ) ତଳେ ଦିଆଯାଇଥିବା ଦୁଇଟି ଜଟିଳ ବାକ୍ୟକୁ ସରଳବାକ୍ୟରେ ପରିବର୍ତ୍ତନ କର । 3

(i) ଯେଉଁ ଲୋକର ଉତ୍ସାହ ଥାଏ, ସେ ନିଶ୍ଚୟ ସଫଳହୁଏ ।

(ii) ଯେତେବେଳେ ଗ୍ରହ ନକ୍ଷତ୍ର ନଥିଲେ, ସେତେବେଳେ ମଧ୍ୟ ଆକାଶ ନଥିଲା ।

(ଖ) ନିମ୍ନ ପ୍ରୟୋଗ ଗୁଡିକ ବ୍ୟବହାର କରି ବାକ୍ୟ ରଚନା କର । (୩ଟି) 3

ହାତରେ ନମାରି ଭାତରେ ମାରିବା, ଦୁରଡ ଘଣାରେ ପଡିବା, ତେଲିଆ ମୁଣ୍ଡରେ ତେଲ, ଏଘର ମାଉସୀ ସେଘର ପିଉସୀ, କଂସାରୀ ଘରର ପାରା

(ଗ) ଭ୍ରମ ସଂଶୋଧନ କର । (୩ଟି) 3

ତଟସ୍ଥ, ବୃହତମ, ବର୍ଗକାର, ଗୁଣମାନ, ନିସ୍ୱ

(ଘ) ସମଅକ୍ଷର କିମ୍ବା ବିଷମ ଅକ୍ଷର ବିଶିଷ୍ଟଛନ୍ଦ କହିଲେ କଣ ବୁଝାଯାଏ ? ଉଦାହରଣସହ ଲେଖ । 3

(ଙ) ସାଙ୍ଗରୂପକ କିମ୍ବାତଟ୍ଟକାନୁ ପ୍ରାସ ଅଳଂକାରର ଉପଯୁକ୍ତ ଉଦାହରଣ ସହ ପରିଚୟ ଦିଅ । 3

4. ପ୍ରାବଂଧିକଙ୍କୁ ଅନୁସରଣକରି ଗୁରୁ ଓ ଶିଷ୍ୟର ସଂପର୍କ ବୁଝାଇଦିଅ । 8

ଅଥବା

'ଅନୁଶାସନ ଓ ଆତ୍ମଶାସନ'ର ଭାବବସ୍ତୁ ବିଶ୍ଳେଷଣ କର ।

5. ସଂକ୍ଷେପରେ ଉତ୍ତର ଦିଅ । (୨ଟି) $2\times2\frac{1}{2}$

(କ) "ଏତଦ୍ଦ୍ୱାରା ବିଳିପାଇବା ଜୀବର ମଧ୍ୟ ପାରତ୍ରିକ ମୁକ୍ତିଲାଭ ହୁଏବୋଲି ଶାସ୍ତ୍ର ଡାକୁଅଛି ।" ଏହାର ଭାବାର୍ଥ ବୁଝାଇଦିଅ ।

(ଖ) ଦୁଇମୁଣ୍ଡ ମିଳାଇ ଚଳିବାର ଅର୍ଥ କଣ ?

(ଗ) ନୂତନର ଆଗମନକୁ କାହାସହିତ ତୁଳନା କରାଯାଇଛି ?

(ଘ) ପ୍ରାଚୀନକାଳରେ ରାଜାମାନେ ଇଚ୍ଛାକଲେ କଣ କରିପାରୁଥିଲେ ?

6. ସପ୍ରସଂଗ ସରଳାର୍ଥ ଲେଖ । 7

"ଯୋଉଯୁଗର ଘରଯେମିତି, ରାଜ୍ୟ ସେମିତି, ସେହିଯୁଗର ଭଗବାନ ମଧ୍ୟ ସେମିତି ।"

ଅଥବା

"ଏହିପିର ବରଡ଼ା ଖସିଚ଼ାଲେ ତଳକୁ ତଳକୁ, ଗଜାପତ୍ରର ମୁକୁଟ ଉକୁଟି ଉଠେ ଉପରୁ ଉପରକୁ ।"

7. କବି ଭୀମଭୋଇଙ୍କର କବିତାରେ ବିଶ୍ୱ ମାନବବାଦର ବାଣୀ କିପରିଝଂକୃତ ହୋଇଛି ନିଜଭାଷାରେ ପ୍ରକାଶ କର । 8

ଅଥବା

'ଯାଦୁଘର' କବିତାରୁ କବିଙ୍କର ଆତ୍ତିମୁଖ୍ୟ ବିଚ଼ାର କର ।

8. ସଂକ୍ଷେପରେ ଉତ୍ତର ଦିଅ । (୨ଟି) $2\times2\frac{1}{2}$

(କ) 'ଆକାଶକୁସୁମ' — ଏହାର ମର୍ମାର୍ଥ ବୁଝାଇଦିଅ ।

(ଖ) ଭୀମଭୋଇ କେଉଁ ଧର୍ମ ଗ୍ରହଣ କରିଥିଲେ ଓ ତାଙ୍କର ଗୁରୁକିଏ ?

(ଗ) "ରୁଦ୍ର ସିନାଏ ମୂର୍ତି ମୋହର, ମୁହିଁତ ଶିବ" — କେଉଁପ୍ରଶଂଗରେ ଏହା କୁହାଯାଇଛି ?

(ଘ) 'ବାର୍ତା' କବିତାରେ କି ବାର୍ତା ଧରି ଦୂତ ଆସିଅଛି ?

9. ସଂପ୍ରସଂଗ ସରଳାର୍ଥ ଲେଖ । 7

"ପ୍ରଜାକୁ ପାଳିବା ଅଟେ ରାଜାର ଯେବିଧ
ପ୍ରଜାସୁଖେଥିଲେ ଯେ ରାଜାର ସର୍ବସିଦ୍ଧି ।"

ଅଥବା

"ଚିରଦିନ ଦୁଃଖ ପ୍ରହ୍ୱାରେ ଜର୍ଜର
ପଟଶିଷ୍ୟ ମୁହିଁ ଦୁଃଖ ଗୁରୁଙ୍କର ।"

10. ସଂକ୍ଷେପରେ ଉତ୍ତର ଦିଅ । (୨ଟି) 2×5

(କ) 'ବକ୍‌ସି ଜଗବଂଧୁ' ନାଟକଟି କେଉଁ ପୃଷ୍ଠଭୂମିରେ ରଚିତ ?

(ଖ) ପାଇକବିଦ୍ରୋହକୁ କେନ୍ଦ୍ରଖୁଣ୍ଟ କରିବାପାଇଁ ଚରଣ ପଟ୍ଟନାୟକ କେଉଁ ଭୂମିକା ନିର୍ବାହ କରିଥିଲା ?

(ଗ) ଦେଖି ପାରୁନ ତୁମ୍ଭେମାନେ — ଆଜି ଚାରିଆଡ଼େ କଳଂକର ଅଂଧକାର ପରାଜୟର ଆର୍ତ୍ତନାଦ ... ।" ଏହାର ଭାବାର୍ଥ ଲେଖ ।

(ଘ) 'ବକ୍‌ସି ଜଗବଂଧୁ' ନାଟକର ଅନ୍ତିମ ଦୃଶ୍ୟର ସାରମର୍ମ ଲେଖ ।